# ବୈଷ୍ଣବ ନୃସିଂହ ଗୁରୁ

✓ଶ୍ରୀମତୀ ସୈରିନ୍ଧ୍ରୀ ନାୟକ

ବାଙ୍ଗରା ମଣିଷଟିଏ । ପରିଧାନରେ ଖଣ୍ଡିଏ ଆଣ୍ଠୁଲୁଚା ଖଦଡ ଧୋତି । କାନ୍ଧରେ ଖଣ୍ଡିଏ ଗାମୁଛା । ଶୀତ ଦିନେ ଖଣ୍ଡିଏ କାଣ୍ଠିଆ ଚାଦର । କାନ୍ଧରେ ଖଣ୍ଡିଏ ଖଦଡ ମୁଣି ତା ଭିତରେ ଦୁଆତ ,କଲମ ଓ କାଗଜ । ଗୋଡରେ ଚପଲ ବା ଯୋତା ନାହିଁ । ବର୍ଷା ଦିନେ ଖଣ୍ଡେ ତଲେଇ ଛତା ଏ ହେଉଛନ୍ତି ଓଡିଶାର ପ୍ରସିଦ୍ଧ ଦୈନିକ ଖବରକାଗଜ "ସମାଜ"ର ସମ୍ବଲପୁର ସମ୍ବାଦଦାତା । ଗୋପବନ୍ଧୁଙ୍କ ଅମଳରୁ ସମାଜ ସହିତ ସମ୍ପର୍କ ଓ ସେ ସମ୍ପର୍କ ରହିଥିଲା ମୃତ୍ୟୁ ପର୍ଯ୍ୟନ୍ତ । ଏ ହେଉଛନ୍ତି ସମ୍ବଲପୁର ଜିଲ୍ଲାର ବିଶିଷ୍ଟ ଗାନ୍ଧିବାଦୀ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ।

୧୯୨୧ ମସିହାରେ ସେ ଥିଲେ ସମ୍ବଲପୁର ଜିଲ୍ଲାସ୍କୁଲର ଜଣେ ଛାତ୍ର । ଗାନ୍ଧିଜୀଙ୍କ ଅସହଯୋଗର ଆହ୍ୱାନ ଆସିଲା -ଦେଶରେ ଦେଖାଦେଲା ଏକ ଅସୀମ ଉଦ୍‌ବେଳନ । ସେ ଉଦ୍‌ବେଳନର ବାର୍ତ୍ତା ଆସି ପହଞ୍ଚିଲା ପାହାଡ ଓ ଅରଣ୍ୟ ଘେରା ଛୋଟିଆ ସମ୍ବଲପୁର ସହରରେ । ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ନୃସିଂହ ଗୁରୁଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାସ୍କୁଲର ସମସ୍ତ ଛାତ୍ର ସ୍କୁଲ ଛାଡି ଚାଲି ଆସିଲେ । (ବର୍ତ୍ତମାନ ଜିଲ୍ଲାସ୍କୁଲର ନାମ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ।) ସେତେବେଳେ ଚନ୍ଦ୍ରଶେଖର ବେହେରା ଥିଲେ କଂଗ୍ରେସର ଜଣେ ଅଦ୍ୱିତୀୟ ନେତା । ପ୍ରତିଷ୍ଠିତ ହେଲା ଜାତୀୟ ସ୍କୁଲ ଫ୍ରେଜର କ୍ଲବରେ । ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ସେ ସ୍କୁଲର ହେଡମାଷ୍ଟର । ସଂଗ୍ରାମ ମଉଳି ଗଲା । ଛାତ୍ରମାନେ ଫେରିଲେ ସରକାରୀ ସ୍କୁଲକୁ,କିନ୍ତୁ ଲକ୍ଷ୍ମୀନାରାୟଣ ମିଶ୍ର ଓ ନୃସିଂହ ଗୁରୁ ଅଟଳ ରହିଲେ ନିଜର ନିଷ୍ପତ୍ତିରେ । ଫେରିବାର ପ୍ରଶ୍ନ ନାହିଁ । ଗୁରୁ ମହାଶୟ ଏକନିଷ୍ଠ ଭାବେ ଉତ୍ସର୍ଗ କରିଦେଲେ ନିଜକୁ ଦେଶ ଓ ଦଶର ସେବାରେ । ସେ ତ୍ୟାଗ ଓ ସାଧନା ପଛରେ କୌଣସି ପ୍ରତ୍ୟାଶା ନଥିଲା । ସମ୍ବଲପୁର ଜିଲ୍ଲାରେ କଂଗ୍ରେସ ର ପ୍ରତିଷ୍ଠାତା ଚନ୍ଦ୍ରଶେଖର ବେହେରାଙ୍କ ଥିଲେ ସେ ଜଣେ ପ୍ରିୟପାତ୍ର । ବେହେରା ମହାଶୟ ତାଙ୍କୁ ସବୁବେଳେ ଡାକୁଥିଲେ ଗୁରୁଜୀ । ପ୍ରକୃତରେ ସେ ସମ୍ବଲପୁର ଜିଲ୍ଲାର ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଗୁରୁଜୀ । ୧୯୨୮ରେ ଯେତେବେଳେ ମହାତ୍ମା ଗାନ୍ଧୀ ସମ୍ବଲପୁର ଆସିଥିଲେ ସେ ଗାନ୍ଧିଜୀଙ୍କର ସେବା କରିବାର ସୁଯୋଗ ପାଇଥିଲେ ।

ନୃସିଂହ ଗୁରୁ,ଦୟାନନ୍ଦ ଶତପଥି,ଭାଗୀରଥୀ ପଟ୍ଟନାୟକ ପ୍ରମୁଖ କଂଗ୍ରେସ କର୍ମୀଙ୍କ ଉଦ୍ୟମରେ ସମଗ୍ର ଜିଲ୍ଲାରୁ ମଦଭାଟି,ମଦ ଦୋକାନ,ଅଫିମ ଗଞ୍ଜେଇ ଦୋକାନ ବନ୍ଦ ହୋଇଯାଇଥିଲା । ଠିକାଦାରମାନେ ନିଲାମ ଡାକିବାକୁ ସାହାସ କଲେ ନାହିଁ । ଏଥି ଯୋଗୁଁ ସେ କାଳର ଗୋରା ଡେପୁଟି କମିଶନରଙ୍କୁ କୈଫିୟତ ତଲବ କରାଯାଇଥିଲା ଏବଂ ସେ ପରିଶେଷରେ ଇସ୍ତଫା ଦେଇ ଚାଲିଯିବା ଲାଗି ବାଧ ହୋଇଥିଲେ । ଏ କଥା ଆଜି କାହାଣୀ ପରି ମନେ ହୁଏ । କେତେ ନିଷ୍ଠା,ସାଧନା ଓ ଆନ୍ତରିକତା ଯୋଗୁଁ ଏହା ସମ୍ଭବ ହୋଇ ପାରିଥିଲା ଏଥିରୁ ସହଜରେ ଅନୁମାନ କରିହୁଏ ।

ଗାନ୍ଧିଜୀଙ୍କ ପ୍ରିୟ ଭଜନର ପ୍ରଥମ ଧାଡି ହେଲା 'ବୈଷ୍ଣବ ଜନ ତେ ତେନ କହିଏ ପର ପୀଡାଇ ଯୋ ଜାନେ ରେ' । ପରର ଦୁଃଖ ଯେ ବୁଝିପାରେ ସେ ହିଁ ପ୍ରକୃତ ବୈଷ୍ଣବ । ନୃସିଂହ ଗୁରୁ ଥିଲେ ଜଣେ ସେହିପରି ବୈଷ୍ଣବ । ୧୯୮୨ ମସିହାର କଥା । ସେଥର ପ୍ରବଳ ବନ୍ୟାରେ ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାର ବହୁ ଗ୍ରାମ ବିପୁଳ ଭାବରେ କ୍ଷତିଗ୍ରସ୍ତ ହେଲା । ସ୍ପର୍ଶକାତର ସମ୍ବେଦନଶୀଳ ନୃସିଂହ ଗୁରୁ ଏହା ସହି ପାରନ୍ତେ କେମିତି ? ରିଲିଫର ଆୟୋଜନରେ ଲାଗିଗଲେ । ତାଙ୍କ ସହିତ ରିଲିଫ କାମ କରିବାର ସୁଯୋଗ ମୁଁ ପାଇଛି । ସେତେବେଳେ ତାଙ୍କର ପରିଣତ ବୟସ । ଯେତେବେଳେ ଲୋକ ଦୁଃଖ ଦୁର୍ଦ୍ଦଶା ଭୋଗୁଛନ୍ତି କ୍ଳାନ୍ତି ପାଇଁ ସମୟ କାହିଁ ? ଗାଁକୁ ଗାଁ ଆମେ ତାଙ୍କ ସାଙ୍ଗେ ସମାଜ ତରଫରୁ ଆୟୋଜିତ କରାଯାଇଥିବା ରିଲିଫ କାମରେ ଲାଗିଥିଲୁଁ । ସକାଳୁ ସନ୍ଧ୍ୟାଯାଏ ଅକ୍ଳାନ୍ତ ପରିଶ୍ରମ । ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଆଗ୍ରହ ନାହିଁ । ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାର ବନ୍ୟା ପ୍ରପୀଡିତ ଲୋକେ ଆଜି ମଧ ମନେ ରଖିଛନ୍ତି ଗୁରୁ ମହାଶୟଙ୍କୁ । ସେମାନେ ରିଲିଫ କହିଲେ ବୁଝନ୍ତି ସମାଜର ଗୁରୁ ମହାଶୟଙ୍କୁ । ସୋନପୁର ଜିଲ୍ଲାର ଉଲୁଣ୍ଡା ଅଞ୍ଚଳରେ ଘରପୋଡି ସମୟରେ ମଧ ମୁଁ ତାଙ୍କ ସହିତ ରିଲିଫ କାର୍ଯ୍ୟ କରିଥିବାର ସୁଯୋଗ ପାଇଥିଲି ।

ସାମ୍ବାଦିକ ଭାବେ ସେ ଥିଲେ ନିର୍ଭୀକ ଓ ନିରପେକ୍ଷ । ଏଥିପାଇଁ ତାଙ୍କୁ ବହୁ ଥର ଲାଞ୍ଛନା ସହିବାକୁ ପଡିଛି । ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ସେ ଶରବ୍ୟ ହୋଇଛନ୍ତି । ତଥାପି ସେ ନିଜର ନୀତି ଓ ନିଷ୍ପତ୍ତିରୁ କେବେହେଲେ ଓହରି ଯାଇ ନାହାଁନ୍ତି ।

ଦୁସ୍ଥ ମଣିଷର ଆର୍ତ୍ତନାଦ କମି ନାହିଁ । ଏବେ ମଧ ନିପୀଡିତ ମଣିଷର କ୍ରନ୍ଦନ ଶୁଭୁଛି । ଆଜି ମଧ ମଣିଷ ଖୋଜୁଛି ସ୍ନେହ ଓ ସହାନୁଭୂତି । ଆଜି ବି ଦରକାର ଅଛି ନୃସିଂହ ଗୁରୁଙ୍କ ପରି ମଣିଷ । ସେ ପୁଣି ଜନ୍ମଗ୍ରହଣ କରିବେ କି ?